# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 26th February - 2025

************************************

*Desk*

## ମହାଶିବରାତ୍ରି

ମହାଶିବରାତ୍ରି ଆଜି ଅତ୍ୟନ୍ତ ନିଷ୍ଠା ଓ ଶ୍ରଦ୍ଧାର ସହ ପାଳନ କରାଯାଉଛି । ଏଥିପାଇଁ ରାଜ୍ୟର ବିଭିନ୍ନ ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ମହାଦୀପ ଉଠିବ ବୋଲି ମନ୍ଦିର ନିଯୋଗ ପକ୍ଷରୁ ସୂଚନା ଦିଆଯାଇଛି । ଶୈବପୀଠଗୁଡ଼ିକରେ ମଧ୍ୟରାତ୍ରି ପରଠାରୁ ସ୍ୱତନ୍ତ୍ର ନୀତିକାନ୍ତି ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଶ୍ରୀଲୋକନାଥ ମନ୍ଦିରରେ ଭୋର୍ ୩ଟା, ଭଦ୍ରକର ବାବା ଆଖଣ୍ଡଳମଣି ମନ୍ଦିରରେ ଭୋର୍ ସାଢ଼େ ୪ଟା, କଟକ ଧବଳେଶ୍ୱର ମନ୍ଦିରରେ ରାତି ୧୦ଟା, ଢେଙ୍କାନାଳ କପିଳାସ ମନ୍ଦିରରେ ଭୋର୍ ୪ଟା ୨୦ରେ ମହାଦୀପ ଉଠିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

***GNR***

## କୁମ୍ଭମେଳା

ପ୍ରୟାଗରାଜ ମହାକୁମ୍ଭମେଳା ଆଜି ଉଦ୍‌ଯାପିତ ହେଉଛି । ମହାଶିବରାତ୍ରି ପାଳନ ଅବସରରେ ଆଜି ଅନ୍ତିମ ଅମୃତ ସ୍ନାନ ଅନୁଷ୍ଠିତ ହେଉଛି । ଗତମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭମେଳାରେ ଗତକାଲି ସୁଦ୍ଧା ୬୪ କୋଟି ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ୧ କୋଟି ୨୪ ଲକ୍ଷ ଶ୍ରଦ୍ଧାଳୁ ଗତକାଲି ଗୋଟିଏ ଦିନରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଥିଲେ ।

***Desk***

## ଟ୍ରାଭେଲ୍ ବଜାର

ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଏ କ୍ଷେତ୍ରରେ ନିବେଶ ଏବଂ ସହଭାଗିତା ଲାଗି ଉପମୁଖ୍ୟମନ୍ତ୍ରୀ ଘରୋଇ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରଠାରେ ଓଡ଼ିଶା ଟ୍ରାଭେଲ୍ ବଜାର-୨୦୨୫ର ବି-ଟୁ-ବି ପ୍ରଦର୍ଶନୀକୁ ଗତକାଲି ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ

କ୍ରେତା ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କ୍ରେତା ଏବଂ ବିକ୍ରେତାଙ୍କ ମଧ୍ୟରେ କେତେକ ବୈଠକ ଅନୁଷ୍ଠିତ ହୋଇଛି ।

***Desk***

# ଅଭିଲେଖ ସପ୍ତାହ

ରାଜ୍ୟର ଗୌରବମୟ ଇତିହାସ ଓ ଐତିହ୍ୟ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ହେବ ବୋଲି ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଭୁବନେଶ୍ୱରସ୍ଥିତ ରାଜ୍ୟ ଅଭିଲେଖାଗାରରେ ଅଭିଲେଖ ସପ୍ତାହ ପାଳନ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ହେଉଛି ଆମର ପରିଚୟ ଓ ସ୍ୱାଭିମାନ । ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବରପୁତ୍ରଙ୍କ ଅବଦାନରେ ମନ୍ତ୍ରୀ ସ୍ମରଣ କରିଥିଲେ ।

***Bhadrak/R***

# ପ୍ରଭାତୀ ପରିଡ଼ା - ସାମ୍ବାଦିକ ସମ୍ମିଳନୀ

ସମାଜର ସବୁ ବର୍ଗର ଲୋକଙ୍କୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ କରାଯାଇଛି । ଭଦ୍ରକ ସହିଦ୍ ସ୍ମୃତି ଭବନ ଟାଉନ୍‌ହଲ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି । କୃଷି, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡ଼ା, ଆୟକର ଆଦି ବିଭିନ୍ନ

କ୍ଷେତ୍ରପାଇଁ ନିଆଯିବାକୁ ଥିବା ପଦକ୍ଷେପ ବିକାଶର ଧାରାକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀମତୀ ପରିଡ଼ା ଆଶାବ୍ୟକ୍ତ କରିଛନ୍ତି ।

***Voice :..........***

***Desk***

# ସି.ବି.ଏସ୍.ଇ. - ମାଟ୍ରିକ୍ ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଦଶମଶ୍ରେଣୀ ବୋର୍ଡ଼ ପରୀକ୍ଷା ଏଣିକି ବର୍ଷକୁ ୨ ଥର କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ୨୦୨୬ ଶିକ୍ଷାବର୍ଷରୁ ଏହାକୁ କାର୍ଯ୍ୟକାରୀ କରାଯିବ । ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ଏବଂ ମାର୍ଚ୍ଚ ମଧ୍ୟରେ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ମଇ ମାସରେ କରାଯିବାକୁ ସ୍ଥିର ହୋଇଛି ।

***Desk***

# ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ

ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ପୋର୍ଟାଲ୍‌ରେ ଆବେଦନ କରିବାର ସମୟସୀମା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆବେଦନ କରି ନ ଥିବା ଯୋଗ୍ୟ ହିତାଧିକାରୀଙ୍କପାଇଁ ଗତ ୨୪ ତାରିଖରୁ ଏହି ପୋର୍ଟାଲ୍ ପୁନର୍ବାର କାର୍ଯ୍ୟକ୍ଷମ ହୋଇଛି । ଯୋଜନା ଅଧୀନରେ ଯୋଗ୍ୟ

ହିତାଧିକାରୀଙ୍କୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

***Jharsuguda/R***

## ଦିଶା - ସମୀକ୍ଷା ବୈଠକ

ଝାରସୁଗୁଡ଼ା ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟବେକ୍ଷଣ କମିଟି - ଦିଶା' ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ସାଂସଦ ତଥା କମିଟିର ଅଧ୍ୟକ୍ଷ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା । ବିଭାଗଗୁଡ଼ିକ ପକ୍ଷରୁ ଚାଲିଥିବା ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପନ୍ନ କରିବା ସହ ପ୍ରକୃତ ହିତାଧିକାରୀଙ୍କ ପାଖରେ ଏହାର ସୁଫଳ ପହଞ୍ଚାଇବା ଲକ୍ଷ୍ୟ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

*Desk*

# ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍

ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍ ପ୍ରତିଯୋଗିତାର ମହିଳା ବର୍ଗରେ ଗତକାଲି ଭାରତ ବିଜୟୀ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ନେଦରଲାଣ୍ଡକୁ ପେନାଲ୍‌ଟି ସୁଟ୍‌ଆଉଟ୍ ଜରିଆରେ ୨-୧ ଗୋଲ୍‌ରେ ପରାସ୍ତ କରିଛି । ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ୨ଟି ଲେଖାଏଁ ଗୋଲ୍ ଦେଇଥିଲେ ।

ଅନ୍ୟପକ୍ଷରେ ପୁରୁଷ ବର୍ଗରେ ଭାରତ ଇଂଲଣ୍ଡକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ ଜର୍ମାନୀ ୪-୨ ଗୋଲ୍‌ରେ ଆୟାର୍ଲାଣ୍ଡକୁ ହରାଇ ଦେଇଥିଲା । ଏଥିସହ କଳିଙ୍ଗ ଷ୍ଟାଡିୟମ୍‌ଠାରେ ପ୍ରତିଯୋଗିତାର ଏହି ପର୍ଯ୍ୟାୟରେ ଉଭୟ ବର୍ଗର ମ୍ୟାଚ୍ ଶେଷ ହୋଇଛି ।

*Desk*

# ପାଣିପାଗ

ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ତେବେ ଶୁକ୍ରବାରଠାରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତକାଲିର ସର୍ବାଧିକ ଦିନ ତାପମାତ୍ରା ୩୬ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ବୌଦ୍ଧଠାରେ ରେକର୍ଡ଼ କରାଯାଇଥିଲା ।

*****